# ଭାରତ ମାଆ

● ମନୋରମା ମହାପାତ୍ର

**କବି ପରିଚୟ :**

ଅଧ୍ୟାପିକା ମନୋରମା ମହାପାତ୍ର ( ୧ ୯୩୪ )ଙ୍କ ଜନ୍ମ କଟକ ଜିଲ୍ଲାର ଆଠଗଡ଼ ଅଞ୍ଚଳ ଅନ୍ତର୍ଗତ ରାଧାନାଥପୁର ଶାସନରେ । ଅତି ଅଳ୍ପ ବୟସରୁ ସାହିତ୍ୟ ରଚନାରେ ମନୋନିବେଶ କରି ଶ୍ରୀମତୀ ମହାପାତ୍ର କବିତା, କ୍ଷୁଦ୍ରଗଳ୍ପ, ଶିଶୁସାହିତ୍ୟ, ଏକାଙ୍କିକା, ଅନୁବାଦ, ସାମ୍ବାଦିକତା ପ୍ରଭୃତି ବିଭିନ୍ନ ବିଭାଗରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ସାଧାରଣ ମଣିଷର ସମସ୍ୟା ଓ ମଣିଷ ଜୀବନକୁ ଯନ୍ତ୍ରଣାମୁକ୍ତ କରିବା ନିମନ୍ତେ ଉଦ୍ୟମ ତାଙ୍କ କବିତାଗୁଡ଼ିକରେ ପ୍ରତିଫଳିତ । 'ଆମରି ଭାରତ ମାଆ', 'ଦୂର ରାଇଜର କଥା', 'ସ୍ମୃତିଚନ୍ଦନ', 'ସମୟପୁରୁଷ', 'ଝଡ଼ ପରେ ସୂର୍ଯ୍ୟୋଦୟ' ପ୍ରଭୃତି କବିଙ୍କର କେତୋଟି ଉଲ୍ଲେଖଯୋଗ୍ୟ କୃତି ।

ବିଭିନ୍ନତା ମଧ୍ୟରେ ଭାରତରେ ଏକତା ପ୍ରତିଷ୍ଠା ଏବଂ ଜାତୀୟ ସଂହତି ନିମନ୍ତେ କବିଙ୍କର ଆନ୍ତରିକ ଆଗ୍ରହ 'ଭାରତ ମାଆ' କବିତାରେ ବର୍ଣ୍ଣିତ । ଏହା 'ଆମରି ଭାରତ ମାଆ' କବିତା ପୁସ୍ତକରୁ ଗୃହୀତ ।

---

**ଛି**ଡ଼ାଇ ଦିଅନା ଭାରତ ମାଆକୁ ଯୋଡ଼ିଦିଅ ଯୋଡ଼ିଦିଅ,
ସ୍ନେହର ସୂତାରେ ସେବା ମମତାରେ, ସବୁ ଭାଷା ଗୁନ୍ଥି ଦିଅ ।
ବହୁ ଭାଷାଭାଷୀ, ଭାରତ ଆମର; ଜୀବନଠୁ ବଳି ପ୍ରିୟ,
ଭାଙ୍ଗିବା ନାହିଁ-ସଜାଡ଼ିବୁ ଆମେ, ଭାରତ ମାଆର ଦେହ ।
ସଭିଙ୍କୁ ଏକାଠି କରିବୁ, ଗଢ଼ିବୁ, ସବୁ ଭାଷାଭାଷୀ ଗାଅ,
ଭାରତ ଯୋଡ଼ିବୁ,ବାଟ ନ ହୁଡ଼ିବୁ, ଯେଉଁଠାରେ ପଛେ ଥାଅ ।
ଭାଷା ସିନା ଭିନ୍ନ, ଗୋଟିଏ ତ ମନ, ଜାଣି ନାହୁଁ ଡର ଭୟ,
ମିଳିମିଶି ଆମେ, ଦୁଃଖୀ ଦୁଃଖ ନେବା, ମାଆଠାରେ ରଖି ଲୟ ।
ଖଣ୍ଡ ଖଣ୍ଡ କରି ଭାରତ ମାଆକୁ ବାଣ୍ଟିବୁ ନାହିଁ କୁହ,
ହିନ୍ଦୁ, ଇସ୍‌ଲାମ୍, ଶିଖ, ଖ୍ରୀଷ୍ଟିୟାନ ସଭିଏଁ ଏକାଠି ହୁଅ ।

ଭେଦଭାବ ମନୁ ଦୂର କରିଦେବୁ ଏ ଦେଶର ଝିଅ ପୁଅ,
ଦୁଇ ହାତ ଆମ ଦେଶକୁ ଗଢ଼ିବ, ପଣ କରି ଥରେ କୁହ ।
ଭାରତ ଯୋଡ଼ିବୁ, ଭାରତ ଗଢ଼ିବୁ, ମାଗିବୁନି ଆମେ ଭାତ,
ଖଟିବୁ, ସେବିବୁ, ଏଥିପାଇଁ ଅଛି ଆମର ଟାଣୁଆ ହାତ ।
ଭାରତ ଯୋଡ଼ିବୁ, ଭାରତ ଗଢ଼ିବୁ, ପଢ଼ିବୁ ସଭିଏଁ ପାଠ,
ଭଲ କଥା ଶିଖି, ନୂଆ କଥା ଦେଖି ଆମେ କରିବୁନି ମଠ ।
ଭୋଗକୁ ମନରୁ ତଡ଼ିଦେବୁ ଆମେ କରିବୁନି ହିଂସା ରାଗ,
ଜମିକୁ ଚଷିବୁ, ଜାହାଜ ଚାଳିବୁ, ଉଡ଼ିବୁ ଆକାଶେ ଆଗ ।
ମାରିବ ନାହିଁ କି ମାଗିବ ନାହିଁରେ ଏଇ ଆମ ଦୁଇ ହାତ,
ଭାରତର ଟେକ ରଖିବାକୁ ଆମେ କରିବୁଟି ପ୍ରାଣପାତ ।

**ସୂଚନା :**

ବାଟ ହୁଡ଼ିବା - ବାଟ ଭୁଲିଯିବା
ଲୟ - ଏକାଗ୍ରତା, ମନୋଯୋଗ
ପଣ - ପ୍ରତିଜ୍ଞା
ମଠ - ବିଳମ୍ବ
ଟେକ - ମର୍ଯ୍ୟାଦା, ଶ୍ରେଷ୍ଠତା
ପ୍ରାଣପାତ - ଜୀବନ ବିସର୍ଜନ

## ପ୍ରଶ୍ନାବଳୀ

**ସଂକ୍ଷିପ୍ତ ଉତ୍ତରମୂଳକ :**

୧. 'ଛିଡ଼ାଇ ଦିଅନା ଭାରତ ମାଆକୁ ଯୋଡ଼ିଦିଅ ଯୋଡ଼ିଦିଅ' - ଏ କଥା କିଏ କହିଛନ୍ତି ?
୨. କେଉଁମାନଙ୍କ ଉଦ୍ଦେଶ୍ୟରେ ଏହା କୁହାଯାଇଛି ?
୩. ଭାରତ ମାଆକୁ ଯୋଡ଼ିବାପାଇଁ କେଉଁ ପ୍ରକାର ସୂତା ଆବଶ୍ୟକ ବୋଲି କବି କହିଛନ୍ତି ?
୪. ସ୍ନେହ ମମତା ଓ ସେବା ଉପରେ କବି ଗୁରୁତ୍ୱ ଦେଇଛନ୍ତି କାହିଁକି ?
୫. କିଏ ଆମମାନଙ୍କ ଜୀବନଠାରୁ ଅଧିକ ପ୍ରିୟ ବୋଲି କବିତାରେ କୁହାଯାଇଛି ?

୬. କେଉଁ କଥାକୁ ଲକ୍ଷ୍ୟ କରି କବି 'ବାଟ ନ ହୁଡ଼ିବା' କଥାଟି କହିଛନ୍ତି ?

୭. ଭାରତରେ କେଉଁ କେଉଁ ଧର୍ମର ଲୋକମାନେ ବାସ କରନ୍ତି ?

୮. ଧର୍ମମତ ନିର୍ବିଶେଷରେ କବି ସମସ୍ତଙ୍କୁ କି ପରାମର୍ଶ ଦେଇଛନ୍ତି ?

୯. ଭାରତରେ ସାଧାରଣତଃ କେଉଁ କେଉଁ ବିଷୟକୁ କେନ୍ଦ୍ର କରି ଲୋକମାନଙ୍କ ମଧ୍ୟରେ ବିଭେଦ ଦେଖାଯାଏ ?

୧୦. ସମସ୍ତ ପ୍ରକାର ବିଭେଦକୁ ଭୁଲି କ'ଣ କରିବାପାଇଁ କବି ପରାମର୍ଶ ଦେଇଛନ୍ତି ?

୧୧. 'ମାଗିବୁନି ଆମେ ଭାତ' - ଏହି କଥାଟିର ତାତ୍ପର୍ଯ୍ୟ କ'ଣ ?

୧୨. ଆମେ ସମସ୍ତେ ପାଠ ପଢ଼ିବୁ - କବି ଏହା କହିଛନ୍ତି କାହିଁକି ?

୧୩. ଭୋଗକୁ ମନରୁ ତଡ଼ିଦେବାପାଇଁ କବି କାହିଁକି ପରାମର୍ଶ ଦେଇଛନ୍ତି ?

୧୪. ଆମର ଦୁଇ ହାତ କ'ଣ କରିବ ବୋଲି ଏହି କବିତାରେ କୁହାଯାଇଛି ?

୧୫. ଭାରତର ଟେକ ରଖିବାପାଇଁ ଆମେ କ'ଣ କରିପାରିବୁ ବୋଲି କବି କହିଛନ୍ତି ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୧୬. ଛିଡ଼ାଇ ଦିଅନା ଭାରତ ମାଆକୁ ଯୋଡ଼ିଦିଅ ଯୋଡ଼ିଦିଅ,
ସ୍ନେହର ସୂତାରେ ସେବା ମମତାରେ, ସବୁ ଭାଷା ଗୁନ୍ଥିଦିଅ ।

୧୭. ସଭିଙ୍କୁ ଏକାଠି କରିବୁ, ଗଢ଼ିବୁ, ସବୁ ଭାଷାଭାଷୀ ଗାଅ,
ଭାରତ ଯୋଡ଼ିବୁ, ବାଟ ନ ହୁଡ଼ିବୁ, ଯେଉଁଠାରେ ପଛେ ଥାଅ ।

୧୮. ଭାରତ ଯୋଡ଼ିବୁ, ଭାରତ ଗଢ଼ିବୁ, ମାଗିବୁନି ଆମେ ଭାତ,
ଖଟିବୁ, ସେବିବୁ, ଏଥିପାଇଁ ଅଛି ଆମର ଟାଣୁଆ ହାତ ।

୧୯. ମାରିବ ନାହିଁ କି ମାଗିବ ନାହିଁରେ ଏଇ ଆମ ଦୁଇ ହାତ,
ଭାରତର ଟେକ ରଖିବାକୁ ଆମେ କରିବୁଟି ପ୍ରାଣପାତ ।

**ଦୀର୍ଘ ଉତ୍ତରମୂଳକ :**

୨୦. ବିଭିନ୍ନତା ସତ୍ତ୍ୱେ ଭାରତରେ ଏକତା ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ କବିଙ୍କ ପରାମର୍ଶ ଆଲୋଚନା କର ।

୨୧. ଭାରତରେ ଏକତା ପ୍ରତିଷ୍ଠା କରାଯିବାର ଆବଶ୍ୟକତା ସଂପର୍କରେ ବର୍ଣ୍ଣନ କର ।

୨୨. କବିତାଟିର ନାଆଁ 'ଭାରତ ମାଆ' ରଖାଯିବାର ଯଥାର୍ଥତା ପ୍ରତିପାଦନ କର ।

୨୩. ଏହି କବିତାରେ ଶ୍ରମର ମର୍ଯ୍ୟାଦା ସଂପର୍କରେ ବର୍ଣ୍ଣନା ଥିବା ଧାଡ଼ି / ଧାଡ଼ିଗୁଡ଼ିକୁ ବାଛି ଲେଖ ।

୨୪. କବିତାଟିକୁ ପଢ଼ି ଦେଶପ୍ରେମର ଗୁରୁତ୍ୱ ସମ୍ବନ୍ଧରେ ଗୋଟିଏ ଅନୁଚ୍ଛେଦ ଲେଖ ।

୨୫. ଭାରତର ଟେକ ରଖିବା ନିମନ୍ତେ ତୁମେ ଯେଉଁ ଯେଉଁ କାର୍ଯ୍ୟ କରିପାରିବ, ସେ ସଂପର୍କରେ ଏକ ବିବରଣୀ ପ୍ରସ୍ତୁତ କର ।

## ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୨୬. ନିମ୍ନରେ ଦିଆଯାଇଥିବା ବିଶେଷ୍ୟ ପଦଗୁଡ଼ିକୁ ବିଶେଷଣରେ ପରିଣତ କରି ଲେଖ ।

ଜୀବନ, ଭୟ, କ୍ରୋଧ, ଚାଳନା, ମିଶ୍ରଣ, ବଣ୍ଟନ

୨୭. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଶବ୍ଦର ଏକାଧିକ ଅର୍ଥ ରହିଛି । ଅର୍ଥର ଭିନ୍ନତା ଦର୍ଶାଇବାପାଇଁ ପ୍ରତି ଶବ୍ଦକୁ ବ୍ୟବହାର କରି ଦୁଇଟି ଲେଖାଏଁ ଭିନ୍ନ ଭିନ୍ନ ବାକ୍ୟ ଗଠନ କର ।

ମଠ, ରାଗ, ଟେକ, ବଳି, ଲୟ, ପଣ

୨୮. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) _____ ମନରୁ ତଡ଼ିଦେବୁ ଆମେ କରିବୁନି ହିଂସା ରାଗ । (ଲୋଭକୁ, ରୋଗକୁ, ଭୋଗକୁ, କ୍ରୋଧକୁ)

(ଖ) ସ୍ନେହର _____ ସେବା ମମତାରେ ସବୁ ଭାଷା ଗୁନ୍ଥି ଦିଅ । (ଲତାରେ, ସୂତାରେ, ଫିତାରେ, ହାତରେ)

(ଗ) ମାରିବ ନାହିଁ କି _____ ନାହିଁରେ ଏଇ ଆମ ଦୁଇ ହାତ । (ହାରିବ, ଧରିବ, ଜଗିବ, ମାଗିବ)

୨୯. ନୂଆପୁରୁଣା, ଝିଅପୁଅ :- ଏମାନେ ଗୋଟିଏ ଗୋଟିଏ ଯୁଗ୍ମ ଶବ୍ଦ, ଏହିପରି ଆଉ ଚାରୋଟି ଯୁଗ୍ମ ଶବ୍ଦ ଲେଖ ।

୩୦. "ଭାରତର ଟେକ ରଖିବାକୁ ଆମେ କରିବୁଟି ପ୍ରାଣପାତ" - ଏଠାରେ 'ପ୍ରାଣପାତ କରିବା'ର ଠିକ୍ ଅର୍ଥଟି ବାଛି ଲେଖ ।

(କ) ଅନ୍ୟର ଜୀବନ ନେବା

(ଖ) ଅନ୍ୟ ପ୍ରତି ହିଂସା କରିବା

(ଗ) ନିଜର ଜୀବନ ବିସର୍ଜନ କରିବା

(ଘ) ବାଧା ବିପଦର ସମ୍ମୁଖୀନ ହେବା

## ତୁମପାଇଁ କାମ :

୩୧. ମନୋରମା ମହାପାତ୍ରଙ୍କ ଅନ୍ୟାନ୍ୟ କବିତା ସଂଗ୍ରହ କରି ପଢ଼ ।

୩୨. ଭାରତରେ ଏକତା ପ୍ରତିଷ୍ଠାର ଗୁରୁତ୍ୱ ସଂପର୍କରେ ବର୍ଣ୍ଣନା ଥିବା କବିତା ସଂଗ୍ରହ କରି ପଢ଼ ।

୩୩. ଦେଶପ୍ରେମମୂଳକ ତିନି ଚାରୋଟି କବିତା ସଂଗ୍ରହ କରି ନିଜ ଟିପାଖାତାରେ ଲେଖି ରଖ ।

❖❖❖